# ତହସିଲଦାର ଠାକୁରମୁଣ୍ଡାଙ୍କ କାର୍ଯ୍ୟାଳୟ, ଠାକୁରମୁଣ୍ଡା

## ବିଜ୍ଞପ୍ତି ସଂଖ୍ୟା: ୨୧୪୯     ତାରିଖ: ୦୭.୦୭.୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଠାକୁରମୁଣ୍ଡା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସଗୁଡିକ OMMC(Amendment) Rules 2016 ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷଠାରୁ ଆସନ୍ତା ୫ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର, ଠାକୁରମୁଣ୍ଡାଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC(Amendment) Rules 2016 ର Form-M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି Sealed Cover ରେ ଆବେଦନ କରିବେ ଯାହାକି ତା ୨୫.୦୭.୨୦୧୮ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଠାକୁରମୁଣ୍ଡା ତହସିଲ କାର୍ଯ୍ୟାଳୟରେ ଥିବା Drop Box ରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। Tender Box ତା ୨୬.୦୭.୨୦୧୮ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଲିଜ ଚୂଡାନ୍ତ କରାଯିବ । ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକ ବିଚାରକୁ ନିଆଯିବ ନାହିଁ, ଯେଉଁ ଉତ୍ସଗୁଡିକ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ ଚୂଡାନ୍ତ ହୋଇନଥିବ ସେଇ ଉତ୍ସଗୁଡିକ ନିମନ୍ତେ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା ୦୨.୦୮.୨୦୧୮ ରିଖ ଓ ତା ୦୯.୦୮.୨୦୧୮ ରିଖ ପୂର୍ବାହ୍ନ ୧୦ ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ପୂର୍ବ ମତେ Tender Box ଖୋଲାଯିବ । ଅତିରିକ୍ତ ଦେୟ (Additional charge) ଭିତ୍ତିରେ ଲିଜ୍ ଚୂଡାନ୍ତ ହେବ । କୌଣସି ଉତ୍ସ ପାଇଁ ଏକାଧିକ ଦରଖାସ୍ତକାରୀ ସମାନ ଅତିରିକ୍ତ ଦେୟ ଦର୍ଶାଇଥିଲେ ଲଟେରୀ ମାଧ୍ୟମରେ ଯୋଗ୍ୟ ଦରଖାସ୍ତକାରୀ ସ୍ଥିର କରାଯିବ ।

୧) ଦରଖାସ୍ତ ଫି ସକାଶେ ଟ. ୧୦୦୦/- (ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ (ଅଣଫେରସ୍ତଯୋଗ୍ୟ) । (Head of Account-0853-Non-Ferrous Mining & Metallurgical Industries-102-Mineral Concession Fees, Rents & Royalties)

୨) ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୩) କୌଣସି ମାଇନିଙ୍ଗ ଭରଣା ବକେୟା ନଥିବା ନେଇ ଏକ ସତ୍ୟପାଠ ।

୪) ଆବେଦନ କରିଥିବା ଜମି ଯଦି ରୟତି ହୋଇଥାଏ, ତେବେ ସେଇ ଜମିର ମାଲିକଙ୍କ ସହମତି ।

୫) ଆବେଦନକାରୀ ଙ୍କ Solvency Certificate / Bank Guarantee ଯାହାର ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତୋଳନ ପରିମାଣ [Minimum Guarantee Quantity (MGQ)] ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା Royalty ର ମୂଲ୍ୟ ସଂଗେ ସମାନ ହେଉଥିବ ଏବଂ ଏହା ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବ । [Requisite Extent of Solvency Certificate/Bank Guarantee (Valid for 18 months) is equal to minimum guaranteed quantity for whole one year multiplied by (Offered Additional Charge + Royalty)]

୬) ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ।

୭) VAT Clearance Certificate ର ନକଲ ।

୮) ଧାର୍ଯ୍ୟ କରାଯାଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତୋଳନ ପରିମାଣ (MGQ) ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ Royalty ର ଶତକଡ଼ା ୫ ଭାଗ ରାଶି EMD (Earnest Money Deposit) ନିମନ୍ତେ ତହସିଲଦାର, ଠାକୁରମୁଣ୍ଡାଙ୍କ ଉଦ୍ଦେଶ୍ୟରେ Bank Draft ଆକାରରେ ଦରଖାସ୍ତ ଫର୍ମ ସହିତ ଦାଖଲ କରିବେ ।

୯) ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତିର ତାଲିକା ।

## ସର୍ତ୍ତାବଳୀ

୧) ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ - ୨୦୦୪ ଓ OMMC (Amendment) Rules 2016 ର ପରିସରଭୁକ୍ତ ରହିବେ ।

୨) ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପରିଦର୍ଶନ କରି ଲିଜରେ ଭାଗ ନେବେ ।

୩) ଲିଜ ପରେ ସୈରାତ ଚଳାଇବା ବାବଦକୁ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪) ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।

୫) ପଥର ପାଇଁ ରୟାଲଟି ମୂଲ୍ୟ ( per cum) ୧୩୦ ଟଙ୍କା ଓ ବାଲି ପାଇଁ ୩୫ ଟଙ୍କା ରହିବ । ଏହା ବାବଦରେ ସରକାରଙ୍କର କୌଣସି ନିର୍ଦ୍ଦେଶ ଆସିଲେ, ତାହା ମାନିବା ପାଇଁ ଲିଜଧାରୀ ବାଧ୍ୟ ହେବେ ।

୬) ସରକାରୀ Additional Charge ଧାର୍ଯ୍ୟଦର ଠାରୁ କମ ଦାମରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନକରିଥିବା ଦରଖାସ୍ତକାରୀଙ୍କର ଦରଖାସ୍ତ ଖାରଜ କରାଯିବ ।

୭) ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ Additional Charge ଦର୍ଶାଇଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୮) ଯୋଗ୍ୟ ଆବେଦନକାରୀଙ୍କୁ ମନୋନୟନର ୭ ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ। ସୂଚନା ପାଇବାର ୧୫ ଦିନ ମଧ୍ୟରେ ଯୋଗ୍ୟ ବିବେଚିତ ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ - ୨୦୧୬ ରେ ଥିବା ସର୍ତ୍ତାବଳୀ ଗ୍ରହଣ ପୂର୍ବକ ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଂଗେସଂଗେ ଧାର୍ଯ୍ୟ ହୋଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା Royalty ର ଏକ ଚତୁର୍ଥାଂଶ ସହିତ District Mineral Foundation ବାବଦକୁ ଥିବା ଦେୟରୁ Earnest Money ବାଦ ଦେଇ ବଳକା ରାଶି ଜମା କରିବେ। ଏହି ରାଶି ଓ EMD ରାଶି ମିଶି ସୁଧ-ରହିତ SECURITY DEPOSIT ଭାବରେ ଗଣାହେବ । ଯଦି ମନୋନିତ ଆବଦନକାରୀ ୧୫ ଦିନ ମଧ୍ୟରେ ସମ୍ମତି ପ୍ରଦାନ ନ କରନ୍ତି କିମ୍ବା ଉପରୋକ୍ତ ରାଶି ଜମା ନ କରିବେ ତେବେ ତାଙ୍କର EMD ବାବଦକୁ ଜମାଥିବା ରାଶି ବାଜ୍ୟାପ୍ତି କରାଯିବ ଏବଂ ଦ୍ୱିତୀୟ ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁସୁଯୋଗ ଦିଆଯିବ ।

୯) Mining Plan କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ଏବଂ ଏହାର ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୦) ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପରିମାଣ (MGQ) ମାଇନିଙ୍ଗ ପ୍ଲାନ ଉପରେ ନିର୍ଭର କରେ ।

୧୧) ପରିବେଶ ମଂଜୁରୀ ମିଳିସାରିଥିବା ଉତ୍ସ ଗୁଡିକ ପାଇଁ ଲିଜଧାରୀ ସୂଚନା ପାଇବାର ୩ ସପ୍ତାହ ମଧ୍ୟରେ Registration Act, 1908 ଓ Stamp Act, 1999 ଅନୁଯାଇ ଚୁକ୍ତି ସମ୍ପାଦନ କରିବେ । ଅନ୍ୟ ଉତ୍ସ ଗୁଡିକ ପାଇଁ ସୂଚନା ପାଇବାର ୩ ମାସ ମଧ୍ୟରେ ଚୁକ୍ତି ସମ୍ପାଦନ କରିବେ ।

୧୨) ଲିଜଧାରୀ Royalty ସହିତ ନିର୍ଦ୍ଧାରିତ Surface rent, Dead Rent ଓ Compensatory Afforestation Fee ପଇଠ କରିବେ । ଲିଜଧାରୀ Royalty ର ୧୦% District Mineral Foundation ଏବଂ ୫% Environment Management Fund ବାବଦକୁ ଜମା କରିବେ ।

୧୩) ଲିଜଧାରୀ Surface Rent, Royalty, Additional Charge ଓ District Mineral Foundation ଏବଂ Environment Management Fund ବାବଦ ଦେୟ ବାର୍ଷିକ ଅଗ୍ରୀମ ଆକାରରେ ପୈଠ କରିବେ ।

୧୪) ଜମା Royalty ଓ Additional Charge ର ୨% ଲିଜଧାରୀ ଆୟକର (TDS) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

୧୫) ବିଭିନ୍ନ ଦେୟ ବାବଦରେ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ -୨୦୧୬ ର ନିୟମ-୩୨ କଡାକଡି ଭାବେ ପାଳନ କରାଯିବ ।

୧୫ ) ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉତ୍ତୋଳନ କରିବା ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ସମ୍ମତି ଆଣିବେ।

୧୬) ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁସାରେ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ ଡିସପ୍ଲେ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଲିଜ ଧାରି ନିଜ ଖର୍ଚ୍ଚରେ କରିବେ ।

୧୭) ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୮) ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟାଦିବସରେ ଦେଖିପାରିବେ । ଏହା ବ୍ୟତୀତ ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା Website www.mayurbhanj.nic.in ରେ ମଧ୍ୟ ଦେଖିପାରିବେ ।

୧୯) ସର୍ବୋଚ୍ଚ Additional Charge ଦର୍ଶାଇଥିବା ଆବେଦନକାରୀ ଦିଆଯାଇଥିବା ସର୍ତ୍ତାବଳୀରେ ଖିଲାପ କଲେ /ଲିଜ ନନେଲେ ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୨୦) ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜଧାରୀମାନେ ଆନୁପାତିକ ଭାବେ ବହନ କରିବେ ।

୨୧) ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ତାହାକୁ ସଂଶୋଧନ କରିବାର କ୍ଷମତା ରହିଛି ।

୨୨) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ତହସିଲଦାର, ଠାକୁରମୁଣ୍ଡା

ଜ୍ଞାପକ ସଂଖ୍ୟା: ୨୧୫୦ ତାରିଖ: ୦୭.୦୭.୨୦୧୮

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ/ ଉପଜିଲ୍ଲାପାଳ, ପାଞ୍ଚପୀଢ, କରଂଜିଆଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଠାକୁରମୁଣ୍ଡା

ଜ୍ଞାପକ ସଂଖ୍ୟା: ୨୧୫୧ ତାରିଖ- ୦୭.୦୭.୨୦୧୮

ଏହାର ଏକକିତା ନକଲ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଠାକୁରମୁଣ୍ଡାଙ୍କ କାର୍ଯ୍ୟାଳୟ/ ତହସିଲଦାର, ଠାକୁରମୁଣ୍ଡାଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଠାକୁରମୁଣ୍ଡା

ଜ୍ଞାପକ ସଂଖ୍ୟା: ୨୧୫୨ ତାରିଖ: ୦୭.୦୭.୨୦୧୮

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜଙ୍କୁ ଜିଲ୍ଲା website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଠାକୁରମୁଣ୍ଡା

## Details of Sources for long term lease

| Sl No. | Name of the Sairat Source | Land Schedule of the sources | | | | | Minimum guaranteed quantity | Additional charges per cum. |
|---|---|---|---|---|---|---|---|---|
| | | Name of the Village | Khata No. | Plot No. | Kissam | Area in Hect. | | |
| 1 | Gourigoda Stone Quarry | Gourigada | 58 | 30 | Patharbani | 0.0809 | 1000 cum. | Rs. 10/- |
| 2 | Purunapani Stone Quarry | Purunapani | 170 | 1160 | Patharbani | 1.0121 | 1000 cum. | Rs. 10/- |
| 3 | Khandabandh Stone Quarry | Khandabandh | 104 | 307 | Patharbani | 0.1093 | 1000 cum. | Rs. 10/- |
| 4 | Khasakudar Stone Quarry | Khasakudar | 61 | 496,494 | Patharbani | 1.1296 | 1000 cum. | Rs. 10/- |
| 5 | Taramara Stone Quarry-I | Taramara | 292 | 1657/1 | Patharbani | 0.4048 | 1000 cum. | Rs. 10/- |
| 6 | Taramara Stone Quarry-II | Taramara | 292 | 1657/2 | Patharbani | 0.4048 | 1000 cum. | Rs. 10/- |
| 7 | Jadibil Stone Quarry | Jadibil | 85 | 749 | Patharbani | 0.2024 | 1000 cum. | Rs. 10/- |
| 8 | Sunariposi Stone Quarry-II | Sunariposi | 70 | 603/1 | Patharbani | 0.2024 | 1000 cum. | Rs. 10/- |
| 9 | Bhairanibeda Sand Bed | Bhairanibeda | 64<br>65 | 588,589,591<br>589/1 | Nadi | 5.55 | 1000 cum. | Rs. 5/- |

ତହସିଲଦାର, ଠାକୁରମୁଣ୍ଡା